Fullerton India
Rishta Sammaan Ka

# ୱାନ୍ ଟାଇମ୍ ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ଉପରେ ଅଧିକାଂଶ ସମୟରେ ପଚରାଯାଉଥିବା ପ୍ରଶ୍ନଗୁଡ଼ିକ (ଓଡ଼ିଆ)

## ପ୍ର 1. ଆର୍.ବି.ଆଇ. ଦ୍ୱାରା ଅନୁମୋଦିତ ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ଯୋଜନା କ’ଣ? ଏହି ରିଜୋଲ୍ୟୁଶନ୍ ଫ୍ରେମ୍‌ୱର୍କ ଉଦ୍ଦେଶ୍ୟ କ’ଣ?

ଉ. କୋଭିଡ୍-19 ମହାମାରୀ ଓ ଆର୍ଥିକ ମାନ୍ଦାବସ୍ଥାକୁ ଦୃଷ୍ଟିରେ ରଖି, ଏହାକୁ ସମଗ୍ର ଦେଶର ଲକ୍ଷ ଲକ୍ଷ ଲୋନ୍‌କର୍ତ୍ତାଙ୍କ ପାଇଁ ଅଣାଯାଇଛି। ଆର୍.ବି.ଆଇ. ଦ୍ୱାରା ରିଜୋଲ୍ୟୁଶନ୍ ଯୋଜନାକୁ ଲାଗୁ କରିବା ପାଇଁ ସମସ୍ତ ବ୍ୟାଙ୍କ୍ ଓ ଅନ୍ୟ ଲୋନ୍ ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ଗୋଟିଏ ଫ୍ରେମ୍‌ୱର୍କ ପ୍ରଦାନ କରାଯାଇଛି। ଏହି ଫ୍ରେମ୍‌ୱର୍କର ଉଦ୍ଦେଶ୍ୟ ହେଉଛି, କୋଭିଡ୍-19 ମହାମାରୀ ଦ୍ୱାରା ଆର୍ଥିକ ସ୍ତରରେ ପ୍ରଭାବିତ ଲୋନ୍‌କର୍ତ୍ତାମାନଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା।

ଏହି ଫ୍ରେମ୍‌ୱର୍କ ଓ ନିୟାମକ ମାର୍ଗଦର୍ଶିକାକୁ ଭିତ୍ତି କରି, ଫୁଲର୍‌ଟନ୍ ଇଣ୍ଡିଆ, କୋଭିଡ୍-19 ମହାମାରୀରେ ପ୍ରଭାବିତ ବ୍ୟକ୍ତିବିଶେଷ ଓ ସଂସ୍ଥାମାନଙ୍କ ଦ୍ୱାରା ନିଆଯାଇଥିବା ଲୋନ୍‌ଗୁଡ଼ିକର ରିଷ୍ଟ୍ରକଚରିଙ୍ଗ୍ ବା ପୁନର୍ଗଠନ ପାଇଁ ନିଜର ନୀତି ପ୍ରସ୍ତୁତ କରୁଛି।

## ପ୍ର 2. ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ପାଇଁ କେଉଁମାନେ ଯୋଗ୍ୟ?

ଉ. ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ପାଇଁ ଏଠାରେ କେତେକ ଯୋଗ୍ୟତା ମାନଦଣ୍ଡ ଦିଆଗଲା:

1. ଆବେଦକଙ୍କର, 01 ମାର୍ଚ୍ଚ, 2020 ସୁଦ୍ଧା ଇ.ଏମ୍.ଆଇ./ସୁଧ ପୈଠ ଉପରେ 30 ଦିନରୁ ଅଧିକ ବକେୟା ନଥିବ। ଏହି ଅବଧି, ବ୍ୟାଙ୍କ ଓ ଏନ୍.ବି.ଏଫ୍.ସି.ଗୁଡ଼ିକରୁ 25 କୋଟିରୁ କମ୍ ଏମ୍.ଏସ୍.ଏମ୍.ଇ. ଲୋନ୍ ନେଇଥିବା ଲୋନ୍‌କର୍ତ୍ତାମାନଙ୍କ ପାଇଁ 89 ଦିନ ଅଟେ।
2. କୋଭିଡ୍-19 ମହାମାରୀ କାରଣରୁ ଆବେଦକ ନିଶ୍ଚିତ ଭାବେ ଆୟ/ନଗଦ ପ୍ରବାହର ହାନି କିମ୍ବା ହ୍ରାସସ୍ୱରୂପ ଆର୍ଥିକ ସ୍ତରରେ ପ୍ରଭାବିତ ହୋଇଥିବେ।

ଦୟାକରି ଧ୍ୟାନ ଦିଅନ୍ତୁ:

1. ଲୋନ୍‌କର୍ତ୍ତା ପ୍ରଦାନ କରିଥିବା ସୂଚନା ସମେତ ସହାୟକ ଦସ୍ତାବିଜ ଆଧାରରେ ଆବେଦକଙ୍କ ଆୟରେ ହ୍ରାସ ଓ ତାହାର ଆର୍ଥିକ ପ୍ରଭାବର ସମୀକ୍ଷା ଫୁଲର୍‌ଟନ୍ ଦ୍ୱାରା କରାଯିବ।
2. ତା’ପରେ, ଫୁଲର୍‌ଟନ୍ ଇଣ୍ଡିଆ, ରିଜୋଲ୍ୟୁଶନ୍ ଯୋଜନାକୁ ମଞ୍ଜୁରୀ ଦେବା ପୂର୍ବରୁ, ଆଲୋଚନା ଓ ମୂଲ୍ୟାଙ୍କନ ଆଧାରରେ ରାଜି ହୋଇଥିବା ସଂଶୋଧିତ ଇ.ଏମ୍.ଆଇ./ସୁଧ ପୈଠକୁ ପୁଣିଥରେ ଆରମ୍ଭ କରିବା ପାଇଁ ଆବେଦକଙ୍କ ସାମର୍ଥ୍ୟତାକୁ ଆକଳନ କରିବ।
3. ଫୁଲର୍‌ଟନ୍ ଇଣ୍ଡିଆ, ଆବେଦକଙ୍କ ପରିଶୋଧ ଇତିହାସ ଏବଂ ମାର୍ଚ୍ଚ - ଅଗଷ୍ଟ 2020 ମଧ୍ୟରେ ଆର୍.ବି.ଆଇ. ମୋରାଟରିୟମ୍ ପ୍ରାପ୍ତ କରିବା ସମୟରେ ଦେଇଥିବା ପ୍ରତିକ୍ରିୟାଗୁଡ଼ିକ ଉପରେ ମଧ୍ୟ ବିଚାର କରିବ।

## ପ୍ର 3. ମୋତେ କ’ଣ ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ବିକଳ୍ପ ଚୟନ କରିବା ଉଚିତ?

ଯଦି ଆପଣ ଆୟର ନୂତନ ଉତ୍ସଗୁଡ଼ିକୁ ଖୋଜିବା କିମ୍ବା ନିଜ ଖର୍ଚ୍ଚଗୁଡ଼ିକର ପରିଚାଳନା କରି ନିଜର ମାସିକ ଇ.ଏମ୍.ଆଇ. ପୈଠ କରିପାରିବେ, ତେବେ ସେପରି କରିବାକୁ ଆମେ ଦୃଢ଼ତାର ସହ ପରାମର୍ଶ ଦେବୁ। ଅନାବଶ୍ୟକ ଭାବେ ଏହି ଯୋଜନାକୁ ବାଛନ୍ତୁ ନାହିଁ।

ଏହାର କାରଣ ହେଉଛି, ଲୋନ୍ ରିଷ୍ଟ୍ରକଚରିଙ୍ଗର ନିମ୍ନଲିଖିତ ପ୍ରଭାବଗୁଡ଼ିକ ରହିଛି:

1. ଆପଣଙ୍କର ଖର୍ଚ୍ଚକୁ ଯୋଡ଼ି ଏକ ଅତିରିକ୍ତ ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ଶୁଳ୍କ ଲଗାଯାଇପାରେ
2. ପୈଠଯୋଗ୍ୟ ମୋଟ ସୁଧରେ ବୃଦ୍ଧି, ଯେଉଁଥିରୁ ଆପଣଙ୍କର ଲୋନ୍ ଆହୁରି ମହଙ୍ଗା ହୋଇଯିବ

KYONKI DIL NAHI SUNTA,
HUM AAPKI SUNTE HAIN
#RishtaSammaanKa

Fullerton India
Rishta Sammaan Ka

## ପ୍ର 4. ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ମୋ ଲୋନ୍ ଉପରେ କିପରି ପ୍ରଭାବ ପକାଇବ?

ଉ. ଯଦି ଆପଣଙ୍କର ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ଅନୁରୋଧକୁ ସ୍ୱୀକାର କରାଯାଏ, ତେବେ ନିମ୍ନଲିଖିତ ମଧ୍ୟରୁ ଏକ କିମ୍ବା ଅଧିକ ହୋଇପାରେ:

a. ଆପଣଙ୍କର ମାସିକ ଇ.ଏମ୍.ଆଇ. ରାଶି ହ୍ରାସ ହୋଇଯାଇପାରେ, ଯେଉଁଥିରୁ ମାସିକ ପରିଶୋଧ ପ୍ରତିଶ୍ରୁତି ହ୍ରାସ ହୋଇଯିବ।
b. ଆପଣଙ୍କର ମୋଟ ପରିଶୋଧ ଅବଧି ବୃଦ୍ଧି ହୋଇଯିବ, ଯାହା ମଧ୍ୟରେ ଆପଣଙ୍କ ଅବଶିଷ୍ଟ ଲୋନ୍ ପୈଠ କରାଯାଇପାରିବ। ହେଲେ, ଦୟାକରି ଧ୍ୟାନ ଦିଅନ୍ତୁ ଯେ, ପେମେଣ୍ଟ ମୋରାଟରିୟମ୍ ସହିତ କିମ୍ବା ବିନା, ଲୋନ୍‌ର ଅବଶିଷ୍ଟ ପରିଶୋଧ ଅବଧିକୁ ଦୁଇ ବର୍ଷରୁ ଅଧିକ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ ନାହିଁ।
c. ଲୋନ୍ ପରିଶୋଧ ଅବଧିରେ ଆପଣଙ୍କର ମୋଟ ପୈଠଯୋଗ୍ୟ ସୁଧ ବୃଦ୍ଧି ପାଇବ।

## ପ୍ର 5. ମୁଁ ଯଦି ମୋର ଇ.ଏମ୍.ଆଇ.ଗୁଡ଼ିକ ନ ଦିଏ, ତେବେ କ'ଣ ମୋ ଲୋନ୍ ସ୍ୱଚାଳିତ ଭାବେ ରିଷ୍ଟ୍ରକଚର୍ ହୋଇଯିବ?

ଉ. ନା, ଯଦି ଆପଣ ଏହି ଯୋଜନା ପାଇଁ ଆବେଦନ କରିନାହାଁନ୍ତି କିମ୍ବା ଯଦି ଆପଣଙ୍କର ଆବେଦନକୁ ସ୍ୱୀକାର କରାଯାଇନାହିଁ, ତେବେ ଆପଣ ନିର୍ଦ୍ଧାରିତ ସମୟାନୁସାରେ ନିଜର ଇ.ଏମ୍.ଆଇ.ଗୁଡ଼ିକ ପୈଠ କରିବେ। କୌଣସି ପ୍ରକାର ବିଳମ୍ବ କିମ୍ବା ପୈଠ ନ କରିବାକୁ, ବିଳମ୍ବ/ଖିଲାପ ଭାବରେ ବିଚାର କରାଯିବ ଏବଂ ପେନଲ୍ଟୀ/ବାଉନ୍ସ ଶୁଳ୍କ ଲଗାଯିବ।

## ପ୍ର 6. ବର୍ତ୍ତମାନ ମୋ ଆୟରେ କୌଣସି ପ୍ରଭାବ ପଡ଼ିନାହିଁ, ମାତ୍ର ଭବିଷ୍ୟତରେ ଏପରି ହେବାର ସମ୍ଭାବନା ଅଛି। ମୁଁ ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ପାଇଁ ଆବେଦନ ପାରିପାରିବି କି?

ଉ. ଆପଣ ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ପାଇଁ ଆବେଦନ କରିପାରିବେ। ହେଲେ, ଆମେ ଉପରୋକ୍ତ ମାନଦଣ୍ଡ ଓ କ୍ରେଡିଟ୍ ଯୋଗ୍ୟତା ଆଦି ଭଳି ଅନ୍ୟ କାରକଗୁଡ଼ିକ ଆଧାରରେ ଆପଣଙ୍କ ଆବେଦନର ମୂଲ୍ୟାଙ୍କନ କରିବୁ ଏବଂ ତା'ପରେ, ଆପଣଙ୍କ ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ଅନୁରୋଧ ଫୁଲର୍‌ଟନ୍ ଇଣ୍ଡିଆ ନୀତିର ଆବଶ୍ୟକତାକୁ ପୂରଣ କରୁଛି କି ନାହିଁ, ଆପଣଙ୍କୁ ଜଣାଇବୁ।

## ପ୍ର 7. ଫୁଲର୍‌ଟନ୍ ଇଣ୍ଡିଆର କେଉଁ ପ୍ରଡକ୍ଟଗୁଡ଼ିକ ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ପାଇଁ ଯୋଗ୍ୟ ଅଟେ?

ଫୁଲର୍‌ଟନ୍ ଇଣ୍ଡିଆର ନିମ୍ନଲିଖିତ ପ୍ରଡକ୍ଟଗୁଡ଼ିକ ଏହି ଯୋଜନା ପାଇଁ ଯୋଗ୍ୟ ଅଟେ:

1. ଜମାନତ ବନ୍ଧକ ଲୋନ୍ (ଲୋନ୍ ଏଗେନ୍‌ଷ୍ଟ ସିକ୍ୟୋରିଟିଜ୍)
2. ସମ୍ପତ୍ତି ବନ୍ଧକ ଲୋନ୍ (ଲୋନ୍ ଏଗେନ୍‌ଷ୍ଟ ପ୍ରୋପର୍ଟୀ)
3. ବ୍ୟକ୍ତିଗତ ଲୋନ୍ (ପର୍ସନଲ୍ ଲୋନ୍)
4. ଦୁଇ ଚକିଆ ଯାନ ଲୋନ୍ (ଟୁ ହ୍ୱୀଲର୍ ଲୋନ୍)
5. ବ୍ୟବସାୟିକ ଯାନ ଲୋନ୍ (କମର୍ସିଅଲ୍ ଭେହିକଲ୍ ଲୋନ୍)
6. ବ୍ୟବସାୟ ଲୋନ୍ (ବିଜିନେସ୍ ଲୋନ୍)
7. ଏମ୍.ଏସ୍.ଏମ୍.ଇ. ଲୋନ୍ / ସୁରକ୍ଷିତ ବ୍ୟବସାୟ ଲୋନ୍ (ସିକ୍ୟୋର୍ଡ ବିଜିନେସ୍ ଲୋନ୍)
8. ଗୃହ ଲୋନ୍ (ହୋମ୍ ଲୋନ୍)

*ଏହି ଯୋଜନା ପାଇଁ ଆର୍.ବି.ଆଇ. ଦ୍ୱାରା ପ୍ରଦାନ କରାଯାଇଥିବା ଫ୍ରେମ୍‌ୱର୍କ ଓ ମାର୍ଗଦର୍ଶିକା ଅନୁସାରେ, ରିଷ୍ଟ୍ରକଚରିଙ୍ଗ୍ ନିମନ୍ତେ ପ୍ରଡକ୍ଟଗୁଡ଼ିକର ବିଚାର କରାଯିବ।

## ପ୍ର 8. ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ଯୋଜନା ପାଇଁ କିପରି ଆବେଦନ କରିବାକୁ ହେବ?

ଉ. ରିଷ୍ଟ୍ରକଚରିଙ୍ଗ୍ ଯୋଜନା ପାଇଁ ଆବେଦନ କରିବାକୁ, ଦୟାକରି ନିମ୍ନ ପ୍ରଦତ୍ତ ପଦାଙ୍କଗୁଡ଼ିକର ପାଳନ କରନ୍ତୁ।

1. ପେଜ୍‌ର ଉପରେ ଥିବା "କଣ୍ଟାକ୍ଟ ଅସ୍" ଉପରେ କ୍ଲିକ୍ କରନ୍ତୁ
2. "ଏକଜିଷ୍ଟିଙ୍ଗ୍ କଷ୍ଟମର୍" ଚୟନ କରନ୍ତୁ ଏବଂ LAN ID, ମୋବାଇଲ୍ ନମ୍ବର୍ ଆଦି ଭଳି ଆପଣଙ୍କର ବିବରଣୀ ଲେଖନ୍ତୁ।
3. 'ନେଚର୍ ଅଫ୍ କ୍ୱେରୀ/ରିକ୍ୱେଷ୍ଟ/କମ୍ପ୍ଲେଣ୍ଟସ୍' ଡ୍ରପଡାଉନ୍‌ରୁ "ୱାନ୍ ଟାଇମ୍ ଲୋନ୍ ରିଷ୍ଟ୍ରକଚରିଙ୍ଗ୍" ଚୟନ କରନ୍ତୁ
4. 'ମୋର୍ ଡିଟେଲ୍ସ' ଡ୍ରପଡାଉନ୍‌ରୁ "ୱାନ୍ ଟାଇମ୍ ଲୋନ୍ ରିଷ୍ଟ୍ରକଚରିଙ୍ଗ୍" ବିକଳ୍ପ ଚୟନ କରନ୍ତୁ

5. ତା'ପରେ, ଆପଣଙ୍କୁ କିଛି ସୂଚନା ପ୍ରଦାନ କରିବାକୁ କୁହାଯିବ, ଯେପରି ଆପଣଙ୍କ ନିଯୁକ୍ତିର ପ୍ରକୃତି, ମହାମାରୀ କାରଣରୁ ଆପଣ ସମ୍ମୁଖୀନ କରିଥିବା (କିମ୍ବା ସମ୍ମୁଖୀନ କରୁଥିବା) ଆର୍ଥିକ ପ୍ରଭାବର ସ୍ତର ଏବଂ ଆହୁରି ଅନେକ।
6. ଦୟାକରି ଉପରୋକ୍ତ ସୂଚନାକୁ ଯେତେ ସାବଧାନତାପୂର୍ବକ ଏବଂ ସଠିକତାର ସହ ସମ୍ଭବ, ସେହି ଅନୁସାରେ ଲେଖନ୍ତୁ। ଆପଣ ଏଠାରେ ପ୍ରଦାନ କରିଥିବା ସୂଚନାକୁ ଆଧାର କରି ଆଗକୁ ପ୍ରକ୍ରିୟା କରିବା ପାଇଁ ଆପଣଙ୍କ ଅନୁରୋଧର ମୂଲ୍ୟାଙ୍କନ କରାଯିବ।
7. ସମସ୍ତ ଆବଶ୍ୟକ ବିବରଣୀକୁ ଆପଣ ଲେଖିସାରି ଯାଞ୍ଚ କରିସାରିବା ପରେ, "ସବମିଟ୍" ଉପରେ କ୍ଲିକ୍ କରନ୍ତୁ।
8. ଯଦି ନୀତି ଅନୁସାରେ ଆପଣଙ୍କ ଆବେଦନକୁ ଯୋଗ୍ୟ ବିଚାର କରାଯାଏ, ତେବେ ଆଗାମୀ ପଦାଙ୍କ ବିଷୟରେ ଆମର ପ୍ରତିନିଧି ଆପଣଙ୍କୁ କଲ୍ କରିବେ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଆବଶ୍ୟକ ଦସ୍ତାବିଜ ଦାଖଲ ଏବଂ ଫୁଲର୍ଟନ୍ ଦ୍ୱାରା ସେଗୁଡ଼ିକର ଯାଞ୍ଚ କରାଯିବା ପରେ ଅନ୍ତିମ ଯୋଗ୍ୟତାର ନିର୍ଦ୍ଧାରଣ କରାଯିବ।

### ପ୍ର 9. ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ପାଇଁ କେଉଁ ଦସ୍ତାବିଜଗୁଡ଼ିକର ଆବଶ୍ୟକତା ହୋଇଥାଏ?

ଉ. ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ପାଇଁ ଏଠାରେ ଦସ୍ତାବିଜଗୁଡ଼ିକର ତାଲିକା ଦିଆଗଲା:

ଦରମାପ୍ରାପ୍ତ ଲୋନ୍‌କର୍ତ୍ତାମାନଙ୍କ ପାଇଁ:

1. ବିଗତ 6 ମାସ ପର୍ଯ୍ୟନ୍ତର ସାଲରୀ (Salary) ସ୍ଲିପ୍ ଓ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ
2. ସହ-ଆବେଦକଙ୍କ କ୍ଷେତ୍ରରେ, ସମସ୍ତ ପକ୍ଷଙ୍କ ଦସ୍ତାବିଜ ଦେବାକୁ କୁହାଯିବ
3. ବିଗତ 6 ମାସର ବ୍ୟାଙ୍କ ଷ୍ଟେଟମେଣ୍ଟ

ଆତ୍ମ-ନିଯୁକ୍ତ ଲୋନ୍‌କର୍ତ୍ତା / ସଂସ୍ଥାଗୁଡ଼ିକ ପାଇଁ:

1. ବିଗତ 12 ମାସର ବ୍ୟାଙ୍କ ଷ୍ଟେଟମେଣ୍ଟ ବ୍ୟାଙ୍କ ଷ୍ଟେଟ୍‌ମେଣ୍ଟ
2. ଜି.ଏସ୍.ଟି. ରିଟର୍ନ
3. ଆୟକର ରିଟର୍ନ
4. 'ଉଦ୍ୟମ' ପ୍ରମାଣପତ୍ର
5. ଏକାଧିକ ଆବେଦକ / ସଂସ୍ଥା କ୍ଷେତ୍ରରେ, ସମସ୍ତ ସମ୍ପୃକ୍ତ ପକ୍ଷଙ୍କର ଦସ୍ତାବିଜ ଆବଶ୍ୟକ ହେବ।

ସୁରକ୍ଷିତ (ସିକ୍ୟୋର୍ଡ) ଲୋନ୍ ମାମଲାରେ, ରିଷ୍ଟ୍ରକଚରିଙ୍ଗ୍ ସମୟର ଲୋନ୍ ରାଶି ଉପରେ ନିର୍ଭର କରି ଯଦି କୌଣସି ଅତିରିକ୍ତ ଆନୁଷଙ୍ଗିକର ଆବଶ୍ୟକ ହୁଏ, ତେବେ ତାହା ସମ୍ବନ୍ଧିତ ଦସ୍ତାବିଜ ଦାଖଲ କରିବାକୁ ମଧ୍ୟ କୁହାଯିବ।

ଦୟାକରି ଧ୍ୟାନ ଦିଅନ୍ତୁ ଯେ, ଏହି ତାଲିକା ସାଂକେତିକ ଅଟେ ଏବଂ ବିଭିନ୍ନ ଅନ୍ୟ କାରକ ଉପରେ ଭିତ୍ତି କରି, ଅତିରିକ୍ତ ଦସ୍ତାବିଜର ମଧ୍ୟ ଅନୁରୋଧ କରାଯାଇପାରେ।

### ପ୍ର 10. ମୋର କ୍ରେଡିଟ୍ ହିଷ୍ଟ୍ରୀ ଉପରେ ଲୋନ୍ ରିଷ୍ଟ୍ରକଚରିଙ୍ଗର କିପରି ପ୍ରଭାବ ପଡ଼ିବ?

ଉ. ବିନିୟାମକ ମାର୍ଗଦର୍ଶିକା ଅନୁସାରେ, ଆପଣଙ୍କର ଲୋନ୍/କ୍ରେଡିଟ୍ ସୁବିଧାକୁ "ରିଷ୍ଟ୍ରକଚର୍ଡ" ଭାବରେ କ୍ରେଡିଟ୍ ବ୍ୟୁରୋକୁ ରିପୋର୍ଟ କରାଯିବ।

### ପ୍ର 11. ଫୁଲର୍ଟନ୍ ଇଣ୍ଡିଆରେ ମୋର ଏକାଧିକ ଲୋନ୍ ଅଛି। ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ପାଇଁ ମୋତେ କେବଳ ଥରେ ଆବେଦନ କରିବାକୁ ପଡ଼ିବ, ନା ପ୍ରତ୍ୟେକ ଲୋନ୍ ପାଇଁ ପୃଥକ୍ ଭାବେ ଆବେଦନ କରିବାକୁ ହେବ?

ଉ. ଯଦି ଆପଣଙ୍କର ଅକାଧିକ ଲୋନ୍ ଅଛି, ତେବେ ରିଷ୍ଟ୍ରକଚର୍ କରାଯିବାକୁ ଥିବା ପ୍ରତ୍ୟେକ ଲୋନ୍ ପାଇଁ ଆପଣଙ୍କୁ ପୃଥକ୍ ଭାବେ ଅନୁରୋଧ ପଠାଇବାକୁ ପଡ଼ିବ।

### ପ୍ର 12. ମୁଁ ଜଣେ ଆତ୍ମ-ନିଯୁକ୍ତ / ମୋର ଗୋଟିଏ ଛୋଟ ଉଦ୍ୟୋଗ ଥାଇ ମୁଁ ହେଉଛି ଏକ ଏମ୍.ଏସ୍.ଏମ୍.ଇ. ସଂସ୍ଥା। ମୁଁ ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ପାଇଁ ଯୋଗ୍ୟ କି?

ଉ. ଭାରତ ସରକାରଙ୍କ ଅନୁସାରେ, ନିମ୍ନ ପ୍ରଦତ୍ତ ସାରଣୀରେ ଏମ୍.ଏସ୍.ଏମ୍.ଇ. ସଂସ୍ଥାଗୁଡ଼ିକର ସଂଶୋଧିତ ପରିଭାଷା ଦିଆଯାଇଛି

| ବର୍ଗୀକରଣ | ସମଗ୍ର ମାନଦଣ୍ଡ | ସୂକ୍ଷ୍ମ | କ୍ଷୁଦ୍ର | ମଧ୍ୟମ |
|---|---|---|---|---|
| ଏମ୍.ଏସ୍.ଏମ୍.ଇ. - ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ | କାରଖାନା ଓ ଯନ୍ତ୍ରପାତି ବା ଉପକରଣରେ ନିବେଶ ଏହାଠାରୁ ଅଧିକ ହୋଇନଥିବ | ଟ. 1 କୋଟି | ଟ. 10 କୋଟି | ଟ. 50 କୋଟି |
| | ବାର୍ଷିକ ରୋଜଗାର ଏହାଠାରୁ ଅଧିକ ହୋଇନଥିବ | ଟ. 5 କୋଟି | ଟ. 50 କୋଟି | ଟ.250 କୋଟି |

ଭାରତ ସରକାରଙ୍କ ଦ୍ୱାରା ଘୋଷିତ ସଂଶୋଧିତ ଏମ୍.ଏସ୍.ଏମ୍.ଇ. ବର୍ଗୀକରଣ ଅନୁସାରେ, ଏମ୍.ଏସ୍.ଏମ୍.ଇ. ଶ୍ରେଣୀ ଅନ୍ତର୍ଗତ ଆସୁଥିବା ଆତ୍ମ-ନିଯୁକ୍ତ ବ୍ୟକ୍ତି / ସଂସ୍ଥାଗୁଡ଼ିକ ଆଶ୍ୱସ୍ତି ପାଇଁ ରିଷ୍ଟ୍ରକଚରିଙ୍ଗ୍ ଯୋଜନା ଅନ୍ତର୍ଗତ ଆବେଦନ କରିପାରିବେ, ଯଦି 1 ମାର୍ଚ୍ଚ, 2020 ସୁଦ୍ଧା ବ୍ୟାଙ୍କ ଓ ଏନ୍.ବି.ଏଫ୍.ସି.ର ଅଣ-ପାଣ୍ଠି ଭିତ୍ତିକ ସୁବିଧାଗୁଡ଼ିକ ସମେତ ମୋଟ ଏକ୍ସପୋଜର୍, ଟ. 25 କୋଟିରୁ ଅଧିକ ହୋଇନଥିବ। ଅଧିକ ବିବରଣୀ ପାଇଁ ଦୟାକରି ଆପଣଙ୍କ ନିକଟସ୍ଥ ଫୁଲର୍ଟନ୍ ଇଣ୍ଡିଆ ଶାଖା କିମ୍ବା ଆପଣଙ୍କର ସମ୍ପର୍କ ଅଧିକାରୀଙ୍କୁ ଯୋଗାଯୋଗ କରନ୍ତୁ।

**ଆମର ଆତ୍ମ-ନିଯୁକ୍ତ ଗ୍ରାହକମାନଙ୍କୁ ଯଥା ଶୀଘ୍ର ସମ୍ଭବ ଭାରତ ସରକାରଙ୍କ ଉଦ୍ୟମ ପୋର୍ଟଲ୍ ମାଧ୍ୟମରେ ନିଜକୁ ଏମ୍.ଏସ୍.ଏମ୍.ଇ. ଭାବରେ ପଞ୍ଜୀକରଣ କରାଇନେବାକୁ ମଧ୍ୟ ଫୁଲର୍ଟନ୍ ଇଣ୍ଡିଆ ପରାମର୍ଶ ଦେଉଛି**

### ପ୍ର 13. ମାର୍ଚ୍ଚ-ଅଗଷ୍ଟ, 2020 ମଧ୍ୟରେ ମୁଁ ମୋରାଟରିୟମ୍ ନେଇନାହିଁ। ମୁଁ ବର୍ତ୍ତମାନ ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ଯୋଜନା ପାଇଁ ଆବେଦନ ପାରିପାରିବି କି?

ଉ. ଆପଣ ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ପାଇଁ ଆବେଦନ ପାରିପାରିବେ। ହେଲେ, ଆମେ ଉପରୋକ୍ତ ମାନଦଣ୍ଡ ଓ କ୍ରେଡିଟ୍ ଯୋଗ୍ୟତା ଆଦି ଭଳି ଅନ୍ୟ କାରକଗୁଡ଼ିକ ଆଧାରରେ ଆପଣଙ୍କ ଆବେଦନର ମୂଲ୍ୟାଙ୍କନ କରିବୁ ଏବଂ ତା'ପରେ, ଆପଣଙ୍କ ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ଅନୁରୋଧ ଆଗକୁ ବଢ଼ିପାରିବ କି ନାହିଁ, ଆପଣଙ୍କୁ ଜଣାଇବୁ।

### ପ୍ର 14. ମୁଁ ସହ-ଲୋନ୍‌କର୍ତ୍ତା(ମାନ)ଙ୍କ ସହିତ ଲୋନ୍ ନେଇଛି। ମୂଳ ଲୋନ୍ ଚୁକ୍ତିନାମାର ସମସ୍ତ ସହ-ଲୋନ୍‌କର୍ତ୍ତାଙ୍କୁ ମଧ୍ୟ ସଂଶୋଧିତ ରିଷ୍ଟ୍ରକଚରିଙ୍ଗ୍ ଚୁକ୍ତିନାମାରେ ଦସ୍ତଖତ କରିବାକୁ ପଡ଼ିବ କି?

ଉ. ବିନିୟାମକ ଓ ଆଇନଗତ ଆବଶ୍ୟକତା ଅନୁସାରେ, ମୂଳ ଲୋନ୍‌ର ସମସ୍ତ ଲୋନ୍‌କର୍ତ୍ତା/ସହ-ଲୋନ୍‌କର୍ତ୍ତାଙ୍କୁ, ରିଷ୍ଟ୍ରକଚରିଙ୍ଗ୍ ଚୁକ୍ତିନାମା ସମେତ ଲୋନ୍ ଷ୍ଟ୍ରକଚର୍‌ରେ ହୋଇଥିବା ଯେକୌଣସି ପରିବର୍ତ୍ତନ ସହ ରାଜି ହୋଇ ସେଥିରେ ଦସ୍ତଖତ କରିବାକୁ ପଡ଼ିବ।

### ପ୍ର 15. ରିଷ୍ଟ୍ରକଚରିଙ୍ଗ୍ ପାଇଁ କେଉଁ ଲୋନ୍‌ଗୁଡ଼ିକ ଯୋଗ୍ୟ ନୁହେଁ?

ଉ. ରିଷ୍ଟ୍ରକଚରିଙ୍ଗ୍ ପାଇଁ ନିମ୍ନଲିଖିତ ଲୋନ୍‌ଗୁଡ଼ିକ ଯୋଗ୍ୟ ନୁହେଁ:

1. କୃଷି ଉଦ୍ଦେଶ୍ୟ ପାଇଁ ବ୍ୟକ୍ତି/ସଂସ୍ଥାଗୁଡ଼ିକୁ ଦିଆଯାଇଥିବା ଲୋନ୍ ଏବଂ ଫୁଲର୍ଟନ୍ ଇଣ୍ଡିଆ ଦ୍ୱାରା କୃଷି ଲୋନ୍ ଭାବରେ ଶ୍ରେଣୀଭୁକ୍ତ କରାଯାଇଥିବା ଲୋନ୍
2. କୃଷି କ୍ରେଡିଟ୍ ସୋସାଇଟୀ, ଆର୍ଥିକ ସେବା ପ୍ରଦାତା, କେନ୍ଦ୍ରୀୟ, ରାଜ୍ୟ ଓ ସ୍ଥାନୀୟ ସରକାରୀ ନିକାୟ, ଫୁଲର୍ଟନ୍ ଇଣ୍ଡିଆ କର୍ମଚାରୀମାନଙ୍କୁ ପ୍ରଦାନ କରାଯାଇଥିବା ଲୋନ୍
3. ହାଉସିଙ୍ଗ୍ ଫାଇନାନ୍ସ କମ୍ପାନୀଗୁଡ଼ିକର ଏକ୍ସପୋଜର୍, ଯେଉଁଠାରେ 1 ମାର୍ଚ୍ଚ, 2020 ପରେ ଅକାଉଣ୍ଟକୁ ପୁନଃନିର୍ଦ୍ଧାରିତ କରାଯାଇଥିବ
4. ଉପରେ ବର୍ଣ୍ଣିତ ଅନୁସାରେ, ବ୍ୟବସାୟିକ ବ୍ୟବହାର ପାଇଁ ପ୍ରଦାନ କରାଯାଇଥିବା ଲୋନ୍‌ଗୁଡ଼ିକ ଏମ୍.ଏସ୍.ଏମ୍.ଆଇ. ମାର୍ଗଦର୍ଶିକା ଅନ୍ତର୍ଗତ ଆଶ୍ୱସ୍ତିର ଦାବି କରିବା ପାଇଁ ହକଦାର ହେବେ

### ପ୍ର 16. ଲୋନ୍ ରିଷ୍ଟ୍ରକଚର୍ ଯୋଜନା ପାଇଁ ଶେଷ ତାରିଖ କ'ଣ?

ଉ. ଯଦି ଆପଣ ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ପାଇଁ ଆବେଦନ କରିବାକୁ ଚାହୁଁଛନ୍ତି, ତେବେ ତାହା ଶୀଘ୍ରାତିଶୀଘ୍ର କରିବାକୁ ଅନୁରୋଧ କରାଯାଉଛି, କାରଣ ଆପଣଙ୍କର ଯୋଗ୍ୟତା ଅଧିକାଂଶତଃ ଆର୍ଥିକ ହାନି ଉପରେ ନିର୍ଭର କରିଥାଏ, ଯାହାକୁ ଆପଣ କୋଭିଡ୍-19 ମହାମାରୀର ପ୍ରତ୍ୟକ୍ଷ ପରିଣାମ ଭାବରେ ସାମନା କରୁଥାଇପାରନ୍ତି। ଫୁଲର୍ଟନ୍ ଇଣ୍ଡିଆ, ଆବେଦନ ସମୟରେ ଏହି ଯୋଜନା ବିଷୟରେ ଆମର ନୀତି ସମେତ ଉପରୋକ୍ତ ମାନଦଣ୍ଡ ଆଧାରରେ ଆପଣଙ୍କ ଅନୁରୋଧର ମୂଲ୍ୟାଙ୍କନ କରିବ।

Fullerton India
Rishta Sammaan Ka

## ପ୍ର 17. ଯଦି ମୁଁ ମୋ ଲୋନ୍‌ର ରିଷ୍ଟ୍ରକଚର୍ କରେ, ତେବେ ତା' ପାଇଁ କୌଣସି ପ୍ରକାରର ପ୍ରୋସେସିଙ୍ଗ୍ ଫୀ କିମ୍ବା ଚାର୍ଜ ଲାଗିବ କି?

ଯଦି ଆପଣ ନିଜ ଲୋନ୍‌କୁ ରିଷ୍ଟ୍ରକଚର୍ କରିବାକୁ ଚାହାଁନ୍ତି, ତେବେ ଫୁଲର୍‌ଟନ୍ ଇଣ୍ଡିଆ ଶୁଳ୍କ ବା ଫୀ ଲଗାଇପାରେ।

## ପ୍ର 18. ଯଦି ମୁଁ ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ପାଇଁ ଆବେଦନ କରେ, ତେବେବି କ'ଣ ମୋତେ ମାସିକ ଇ.ଏମ୍.ଆଇ. ଦେବାକୁ ପଡ଼ିବ?

ଉ. ଆପଣ ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ଆବେଦନ ଦାଖଲ କରିଥିଲେ ମଧ୍ୟ, ଯେପର୍ଯ୍ୟନ୍ତ ତାହାକୁ ମଞ୍ଜୁରୀ ମିଳିନାହିଁ, ସାମ୍ପ୍ରତିକ ଅନୁସୂଚୀ ଅନୁସାରେ ଆପଣଙ୍କୁ ନିଜର ମାସିକ ଇ.ଏମ୍.ଆଇ. ଦେବାକୁ ପଡ଼ିବ। ଆପଣଙ୍କର ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ଅନୁରୋଧ ସ୍ୱୀକାର ହୋଇଯିବା ପରେ, ଆପଣ ସଂଶୋଧିତ ଅନୁସୂଚୀର ପାଳନ କରିପାରିବେ। ଦୟାକରି ଧ୍ୟାନ ଦିଅନ୍ତୁ ଯେ, ସାମ୍ପ୍ରତିକ ପରିଶୋଧ ଅନୁସୂଚୀ ଅନୁଯାୟୀ ଇ.ଏମ୍.ଆଇ.କୁ ସମୟାନୁସାରେ ପୈଠ କରାଯିବା ଉଚିତ, କାରଣ ଏହି ଫ୍ରେମ୍‌ୱର୍କ ଅନ୍ତର୍ଗତ ରିଜୋଲ୍ୟୁଶନ୍ ଲାଗୁ ହେବା ତାରିଖ ପର୍ଯ୍ୟନ୍ତ ଅକାଉଣ୍ଟଗୁଡ଼ିକ ଷ୍ଟାଣ୍ଡାର୍ଡ ଭାବେ ଶ୍ରେଣୀଭୁକ୍ତ ହୋଇ ରହିବ।

ଦୟାକରି ଏହା ମନେରଖନ୍ତୁ, ଯଦି ଆପଣଙ୍କର ଲୋନ୍ ରିଷ୍ଟ୍ରକଚରିଙ୍ଗ୍ ଅନୁରୋଧକୁ ସ୍ୱୀକାର ନ କରାଯାଏ, ତେବେ ଆପଣଙ୍କୁ ବର୍ତ୍ତମାନର ଅନୁସୂଚୀ ଅନୁସାରେ ହିଁ ନିଜ ଇ.ଏମ୍.ଆଇ. ପୈଠ କରିବାକୁ ପଡ଼ିବ। କୌଣସି ପ୍ରକାରର ବିଳମ୍ବ / ଖିଲାପ କଲେ ଅତିରିକ୍ତ ସୁଧ ଲାଗୁ ହେବ ଏବଂ ଆପଣଙ୍କର କ୍ରେଡିଟ୍ ସ୍କୋର୍ ଉପରେ ପ୍ରଭାବ ପଡ଼ିବ।

## ପ୍ର 19. ଯଦି ମୁଁ ମୋର ଇ.ଏମ୍.ଆଇ. ବର୍ତ୍ତମାନ ପୈଠ କରିଦେବି, ଆଉ ରିଷ୍ଟ୍ରକଚରିଙ୍ଗ୍ ଚୟନ କରିବି ନାହିଁ, ତେବେ କ'ଣ ହେବ? ମୁଁ କ'ଣ ଏହି ସୁବିଧାକୁ ପରେ ନେଇପାରିବି?

ଉ. ଯଦି ଆପଣ ବର୍ତ୍ତମାନ ନିଜର ଇ.ଏମ୍.ଆଇ. ଦେଇପାରିବେ, ତେବେ ଫୁଲର୍‌ଟନ୍ ଇଣ୍ଡିଆ ତାହାକୁ ସ୍ୱାଗତ କରିବ। ହେଲେ, ଏହା ମନେରଖିଥା'ନ୍ତୁ ଯେ, ଏହି ଯୋଜନା ଅନ୍ତର୍ଗତ ଆଶ୍ୱସ୍ତି ନିର୍ଦ୍ଦିଷ୍ଟ ତାରିଖ ପୂର୍ବରୁ ମଞ୍ଜୁର କରାଯାଇଥାଏ ଏବଂ ଆପଣଙ୍କୁ ସେହି ତାରିଖ ପୂର୍ବରୁ ହିଁ ଆବେଦନ ଦାଖଲ କରିବା ଉଚିତ। ଆବେଦନ କେବଳ ସେତେବେଳେ ସ୍ୱୀକାର କରାଯିବ, ଯେତେବେଳେ ତାହା ଉପରୋକ୍ତ ମାନଦଣ୍ଡଗୁଡ଼ିକୁ ପୂରଣ କରୁଥିବ ଏବଂ ଆପଣଙ୍କ ଆବେଦନ ସମେତ ସହାୟକ ଦସ୍ତାବିଜ ସମସ୍ତ ଯାଞ୍ଚ ପ୍ରକ୍ରିୟାରେ ଉତ୍ତୀର୍ଣ୍ଣ ହେଉଥିବ।

* ନିୟମ ଓ ସର୍ତ୍ତାବଳୀ ଲାଗୁ

** ଫୋରକ୍ଲୋଜର୍ ଚାର୍ଜେସ୍ ଅଧୀନ,ନିୟମ ଓ ସର୍ତ୍ତାବଳୀ ଲାଗୁ